

ଏ ସଂଖ୍ୟାର 'ନବାଲୋକ' ସ୍ତମ୍ଭରେ ରହିଛି ଯୁବ କଥାକାର ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ଗଳ୍ପ 'ବୋଉ'। ୧୯୯୧ ମସିହାରେ କଟକ ଜିଲ୍ଲାର ୪୨ ମୌଜା ଅନ୍ତର୍ଗତ ଶିଶୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀମାନ ସୂର୍ଯ୍ୟସ୍ନାତଙ୍କର ଜଣେ ମେଧାବୀ ଛାତ୍ର ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚିତି ରହିଛି। ଏହି ଯୁବ ସାହିତ୍ୟିକଙ୍କର ତିନୋଟି କବିତା ସଂକଳନ – 'ହଜାରେ ଜହ୍ନର ରାତି', 'ଏ ସମ୍ପର୍କ ଏମିତି' ଓ 'ଗଙ୍ଗଶିଉଳିର ଗପ' ପ୍ରକାଶିତ ଓ ପ୍ରଶଂସିତ। ଏହା ସହିତ ହିନ୍ଦୀ ଭାଷାରେ ମଧ୍ୟ ତାଙ୍କର ଦୁଇଟି ନାଟକ ରହିଛି। ଗଳ୍ପ, କବିତା ରଚନା ସହିତ ଅଭିନୟ, ସଂଳାପ ରଚନା ଓ ଚଳଚ୍ଚିତ୍ର ନିର୍ମାଣରେ ମଧ୍ୟ ତାଙ୍କର ରୁଚି ରହିଛି। ତାଙ୍କ ରଚିତ କବିତା ସଂକଳନ 'ଏ ସମ୍ପର୍କ ଏମିତି' ପାଇଁ ସେ ୨୦୧୭ କେନ୍ଦ୍ର ସାହିତ୍ୟ ଅକାଦେମି ଯୁବ ପୁରସ୍କାର ଲାଭ କରିଛନ୍ତି। ସମ୍ପ୍ରତି ସେ ଆଇଆଇଟି ହାଇଦ୍ରାବାଦରେ ପ୍ରଯୁକ୍ତି ବିଜ୍ଞାନରେ ପିଏଚ୍‌ଡି ପାଇଁ ଗବେଷଣାରତ ଅଛନ୍ତି। ସାହିତ୍ୟ ପାଇଁ ଅଙ୍ଗୀକାରବଦ୍ଧ ଥିବା ଏହି ଯୁବଲେଖକ କହନ୍ତି ଯେ ପିଲାବେଳୁ ସାହିତ୍ୟ ପୁସ୍ତକ ଅଧ୍ୟୟନରେ ଗଭୀର ରୁଚିବୋଧ ଓ ପରିପାର୍ଶ୍ୱର ଚରିତ୍ର ଓ ଘଟଣାଗୁଡ଼ିକ ତାଙ୍କୁ ଏହି ସୃଜନକଳା ଦିଗରେ ପ୍ରୋତ୍ସାହିତ କରିଛି। 'ନନ୍ଦିକା'ରେ ସ୍ଥାନିତ ଏହି ଗଳ୍ପରେ ତାଙ୍କ ପରିବାରର ସ୍ନେହ ଓ ଅନୁରାଗ କଥାବସ୍ତୁ ହୋଇ ପ୍ରକଟିତ ହୋଇଛି।

# ବୋଉ



ସୂର୍ଯ୍ୟସ୍ନାତ ତ୍ରିପାଠୀ